# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ଗଞ୍ଜାମ

## (ଜରୁରୀ କାଳୀନ ବିଭାଗ)

### ଅସ୍ଥାୟୀ ମୋଟର ଲଞ୍ଚ ଡ୍ରାଇଭର ଓ ଖଲାସି ପଦ ନିମନ୍ତେ ବିଜ୍ଞାପନ

ଜିଲ୍ଲାପାଳ,ଗଞ୍ଜାମ, ଛତ୍ରପୁର ଜିଲ୍ଲା, ଜରୁରୀ କାଳୀନ ପରିଚାଳନା କେନ୍ଦ୍ର (DEOC) ଦ୍ୱାରା ଆଗାମୀ ଦିନମାନଙ୍କର ବନ୍ୟା ପରିସ୍ଥିତି ରିଲିଫ କାର୍ଯ୍ୟ ଉଦ୍ଦେଶ୍ୟରେ ୫(ପାଞ୍ଚ) ଜଣ ମୋଟର ଲଞ୍ଚ ଡ୍ରାଇଭର ଓ ୫(ପାଞ୍ଚ) ଜଣ ବୋଟ ଖଲାସି ଅସ୍ଥାୟୀ ରୂପେ ନିୟୋଜିତ କରାଯିବ ପାଇଁ ଏହି ବିଜ୍ଞାପନ ଜାରି କରାଗଲା।ଏହି ନିଯୁକ୍ତି ଦିନ ଠାରୁ ଆସନ୍ତା ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।

**ଏହି ନିୟୋଜିତ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ ଓ ନିୟୋଜିତ ତାରିଖ ଠାରୁ ୩୦.୧୧.୨୦୨୩ ପର୍ଯ୍ୟନ୍ତ ବୈଧ ରହିବ । ମୋଟର ଲଞ୍ଚ ଡ୍ରାଇଭର ଓ ଖଲାସି ଙ୍କୁ ଯଥାକ୍ରମେ ଟ.୧୧,୧୦୦/- ଓ ଟ.୧୦,୧୦୦/- ଟଙ୍କା ହିସାବରେ ମାସିକ ପରିଶ୍ରାମିକ ଦିଆଯିବ । ଏହା ବ୍ୟତୀତ ସେମାନଙ୍କୁ ଆଉ କୌଣସି ଭତ୍ତା ଦିଆଯିବ ନାହି ।**

ଲଞ୍ଚ ଡ୍ରାଇଭର ନିମନ୍ତେ ଆବେଦନ କରୁଥିବା ବ୍ୟକ୍ତିଙ୍କ ଦ୍ୱିତୀୟ ଶ୍ରେଣୀ ଲଞ୍ଚ ଡ୍ରାଇଭିଙ୍ଗ ଲାଇସେନ୍ସ ଥିବା ଆବଶ୍ୟକ ଏବଂ ସେମାନଙ୍କୁ ମୋଟର ଲଞ୍ଚ ଚାଳନା ଦକ୍ଷତା ପରୀକ୍ଷା ଅନୁସାରେ ମନୋନୀତ କରାଯିବ । ଉଭୟ ଲଞ୍ଚ ଡ୍ରାଇଭର ଓ ବୋଟ ଖଲାସି ପ୍ରାର୍ଥୀ ଯେ କୌଣସି ଜଳରାଶିରେ **୨୦** ମିନିଟରେ **୨୦୦** ମିଟର ପହଁରି ପାରୁଥିବା ଆବଶ୍ୟକ । ଯଦି କୌଣସି ଦୁଃସ୍ଥିତିରେ ନିଜର ଜୀବନ ହାନି/ ଶାରୀରିକ କ୍ଷତି ଘଟେ ସେଥିପାଇଁ ସେ ବ୍ୟକ୍ତିଗତ ଭାବେ ଦାୟୀ ରହିବେ । ଉଭୟ ଲଞ୍ଚ ଡ୍ରାଇଭର ଓ ବୋଟ ଖଲାସିଙ୍କ ଦକ୍ଷତା ପରୀକ୍ଷା ରାଜ୍ୟ ବନ୍ଦର ଯନ୍ତ୍ରୀ/ ଅଗ୍ନିଶମ ବାହିନୀ ଅଧିକାରୀଙ୍କ ଦ୍ୱାରା କରାଯିବ । ଲଞ୍ଚ ଖଲାସିଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗତ୍ୟା ସପ୍ତମ ଶ୍ରେଣୀ ପାସ ହୋଇଥିବା ଦରକାର । ଯେଉଁ ପ୍ରାର୍ଥିମାନଙ୍କର ପୂର୍ବରୁ **SPEO (State Port Engineering Organization)** ର ଅଭିଜ୍ଞ୍ୟତା ଥିବ ସେମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ମନୋନୀତ ଲଞ୍ଚ ଡ୍ରାଇଭର ଓ ଖଲାସି କାର୍ଯ୍ୟରେ ଯୋଗ ଦେବା ପୂର୍ବରୁ ସ୍ୱାସ୍ଥ ଯାଞ୍ଚ ପ୍ରମାଣପତ୍ର ସରକାରୀ ଡ଼ାକ୍ତର ଖାନା କର୍ତ୍ତୃପକ୍ଷଙ୍କ ନିକଟରୁ ଆଣି ପ୍ରଦାନ କରିବେ ।

ଏହି ନିଯୁକ୍ତି ପାଇବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଏଥିସହ ସଲଗ୍ନ ଥିବା ବିବରଣୀ ଅନୁସାରେ ଆବେଦନ ପତ୍ର ସହ ସମସ୍ତ ଆବଶ୍ୟକ କାଗଜ ପତ୍ର **ତା ୦୧.୦୫.୨୦୨୩ ରୁ ୧୫.୦୫.୨୦୨୩** ମଧ୍ୟରେ ଜିଲ୍ଲା ଜରୁରୀ କାଳୀନ ବିଭାଗ, ଗଞ୍ଜାମ ରେ ପୋଷ୍ଟ ଦ୍ୱାରା କିମ୍ବା ନିଜେ ଆସି ପୋଷ୍ଟ ବାକ୍ସରେ **ଦିବା ୧୦.୦୦ ଘଟିକା ଠାରୁ ୫.୦୦ ଘଟିକା** ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ ଦିବସ ଗୁଡିକରେ ଆବେଦନ କରିପାରିବେ । ଏହି ଆବେଦନର ଶେଷ **ତା ୧୫.୦୫.୨୦୨୩** ରିଖ ଅଟେ । ଏହା ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ଏହାର ସବିଶେଷ ବିବରଣୀ ଗଞ୍ଜାମ ଜିଲ୍ଲା ୱେବସାଇଟ www.ganjam.nic.in ରେ ଉପଲବ୍ଧ ହେବ।

**ପ୍ରକାଶ ଥାଉ କି, ଆସନ୍ତା ତା ୧୭.୦୫.୨୦୨୩ ରିଖ ଦିବା ୧୧.୦୦ ଘଟିକା ସମୟରେ ପାଇଥିବା ଆବେଦନ ପତ୍ର ଗୁଡିକ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ କରାଯାଇଥିବା ଅଧିକାରଙ୍କ ଦ୍ୱାରା ଯାଞ୍ଚ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ଆସନ୍ତା ତା ୨୦.୦୫.୨୦୨୩ ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ ମନୋନୀତ ପ୍ରାର୍ଥୀ ମାନଙ୍କର ଦକ୍ଷତା ପରୀକ୍ଷା ଅନୁଷ୍ଠିତ ହେବ ।**

**ଜିଲ୍ଲାପାଳ, ଗଞ୍ଜାମ**

ପରିପତ୍ର ନମ୍ବର ...୬୭୨.../ ଜରୁରୀକାଳୀନ ତା ...୨୭.୦୮.୨୦୨୩...

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଭାଗ ଅଧିକାରୀ , ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଗଞ୍ଜାମ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛତ୍ରପୁର ଙ୍କ ଗୋଚରାର୍ଥେ ପ୍ରେରଣ କରିବା ସହ ଜିଲ୍ଲା ୱେବ ସାଇଟ www.ganjam.nic.in ରେ ପ୍ରସାରିତ କରିବା ହେବ ।

ଏହାରଏକାକିତାନକଲ ଜିଲ୍ଲାପାଳ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଜାରି କରିବା ହେବେ/ ଉପଜିଲ୍ଲାପାଳ, ଛତ୍ରପୁର/ବ୍ରହ୍ମପୁର /ଭଞ୍ଜନଗର/ଗଞ୍ଜାମ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ/ସରକାରୀ ମତ୍ସ୍ୟ ଅଧିକାରୀ, ଛତ୍ରପୁର, ଗଞ୍ଜାମ/ ଗଞ୍ଜାମ ଜିଲ୍ଲାର ସମସ୍ତ ତହସିଲଦାରଙ୍କ ଗୋଚରାର୍ଥେ ଓ ଅବଗତି ନିମନ୍ତେ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣା କରାଗଲା ।

ଜିଲ୍ଲାପାଳ, ଗଞ୍ଜାମ

# ଅସ୍ଥାୟୀ ମୋଟର ଲଞ୍ଚ ଡ୍ରାଇଭର / ମୋଟର ଲଞ୍ଚ ଖଲାସି ନିୟୋଜନ ନିମନ୍ତେ ଦରଖାସ୍ତ

(୧) ପ୍ରାର୍ଥୀ ଙ୍କ ନାମ :

(୨) ଜନ୍ମ ତାରିଖ ଓ ବୟସ
(ଜନ୍ମ ପ୍ରମାଣପତ୍ର ର ନକଲ ସଂଲଗ୍ନ କରିବା ଆବଶ୍ୟକ)

(୩) ପିତାଙ୍କ ନାମ

(୪) ସ୍ଥାୟୀ ଠିକଣା

(୫) ଶିକ୍ଷାଗତ ଯୋଗ୍ୟତା
(ପ୍ରମାଣପତ୍ର ର ନକଲ ସଂଲଗ୍ନ କରିବା ଆବଶ୍ୟକ)

(୬) ମୋଟର ଲଞ୍ଚ ଚାଳନା ଯୋଗ୍ୟତା
(ଡ୍ରାଇଭିଂ ଲାଇସେନ୍ସ ର ନକଲ ସଂଲଗ୍ନ କରିବା ଆବଶ୍ୟକ)

(୭) ମୋଟର ଲଞ୍ଚ ଚାଳନା ଅଭିଜ୍ଞତା
( ପ୍ରମାଣପତ୍ର ର ନକଲ ସଂଲଗ୍ନ କରିବା ଆବଶ୍ୟକ)

(୮) ଅନ୍ୟ କିଛି

| |
|---|
| ପ୍ରାର୍ଥୀ ନିଜର<br>ପାସପୋଟ ଫୋଟ<br>ଏଠାରେ ଲଗାନ୍ତୁ |

ସ୍ଥାନ :

ତାରିଖ :

ପ୍ରାର୍ଥୀଙ୍କ ସ୍ୱାକ୍ଷର

## ଘୋଷଣା ନାମା

ଏତଦ୍ୱାରା ମୁଁ ଶ୍ରୀ ........................................................................................ ପି ..........................................................

ଗ୍ରା.......................................................................................ପୋ..........................ଥାନା,.............................................ଜିଲ୍ଲା
ଗଞ୍ଜାମ ,ସୁସ୍ଥ ମନମସ୍ତିଷ୍କରେ ବିନା କୌଣସି ପ୍ରରୋଚନାରେ ଘୋଷଣା କରୁଅଛି କି,

(୧) ମୁଁ ଭଲ ଭାବରେ ନଦୀ / କେନାଲ ବା ଅନ୍ୟ କୌଣସି ବନ୍ଧ, ପିଓଖରୀ, ନାଳ ପାଣିରେ ପହଁରା ଜଣେ

(୨) ସରକାରଙ୍କ ଦ୍ୱାରା ଧାର୍ଯ୍ୟ ପରୀକ୍ଷା ନିମନ୍ତେ ୨୦ ମିନଟ ସମୟ ସୀମା ମଧରେ ୨୦୦ ମିଟର ଦୂରତାକୁ ପହଁରି ଅନାୟସ ରେ ଅତିକ୍ରମ କରିପାରିବି .

(୩) ପହଁରିବା ସମୟରେ , ଯଦି କୌଣସି ଅଘଟଣ ଘଟେ ,ତେବେ ସେଠି ନିମନ୍ତେ ମୁ ନିଜେ ବ୍ୟକ୍ତିଗତ ଭାବେ ଦାୟୀ ରହିବି ଓ ସେଠି ନିମନ୍ତେ ସରକାରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ତାରିଖ :

ପ୍ରାର୍ଥୀଙ୍କ ସ୍ୱାକ୍ଷର